# NATIONAL NEWS BULLETIN (ODIA)

**29 August- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ୨୦୨୨-୨୩ ବର୍ଷ ପାଇଁ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗ ଗୁଡ଼ିକ ଲାଗି ସ୍କୋପ୍ ଏମିନେନ୍ସ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି

- ଜାପାନର ପ୍ରଯୁକ୍ତିବିଦ୍ୟା ଓ ଭାରତୀୟ ପ୍ରତିଭାର ମିଶ୍ରଣ ଶତାବ୍ଦୀର ପ୍ରଯୁକ୍ତିବିଦ୍ୟା ବିପ୍ଳବକୁ ତ୍ୱରାନ୍ୱିତ କରିପାରିବ, କହିଲେ ପ୍ରଧାନମନ୍ତ୍ରୀ

- ଭୁବନେଶ୍ୱରଠାରେ ଦୁଇଦିନିଆ ଅନୁସୂଚିତ ଜାତି ଓ ଜନଜାତି ସଂସଦୀୟ କମିଟିର ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କଲେ ଲୋକସଭା ବାଚସ୍ପତି

- ମୁଣ୍ଡୋତ୍ରାକ୍ ହାସଲ କରିବାରେ ଭାରତ ବିଶ୍ୱର ୨୫ତମ ରାଷ୍ଟ୍ର ହୋଇଛି, କହିଲେ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ

ଏବଂ

- ବିହାରର ରାଜଗିରିଠାରେ ଆରମ୍ଭ ହେଲା ଦ୍ୱାଦଶ ପୁରୁଷ ଏସୀୟ କପ୍ ହକି ପ୍ରତିଯୋଗିତା

## ପ୍ରେଜ୍-ସ୍କୋପ୍ ଆୱାର୍ଡସ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨୦୨୨-୨୩ ବର୍ଷ ପାଇଁ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗ ଗୁଡ଼ିକ ଲାଗି ଉଦ୍ଦିଷ୍ଟ ସ୍କୋପ୍ ଏମିନେନ୍ସ ପୁରସ୍କାର ପ୍ରଦାନ କରିଛନ୍ତି । ନୂଆଦିଲ୍ଲୀଠାରେ ଆଜି ଅନୁଷ୍ଠିତ ସମାବେଶକୁ ସମ୍ବୋଧନ କରି

ରାଷ୍ଟ୍ରପତି କହିଛନ୍ତି, ସ୍ୱାଧୀନତା ପରଠାରୁ ଦେଶର ଆର୍ଥିକ ଅଭିବୃଦ୍ଧି ଏବଂ ସାମାଜିକ ଅନ୍ତର୍ଭୁକ୍ତୀକରଣରେ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗ ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ଶିଳ୍ପାୟନ, ଭିତ୍ତିଭୂମି ବିକାଶ, ସାମାଜିକ ଉନ୍ନତି ଏବଂ ନିରନ୍ତର ଆଞ୍ଚଳିକ ବିକାଶରେ ଏହି ଉଦ୍ୟୋଗଗୁଡ଼ିକ ପ୍ରଭାବଶାଳୀ ପ୍ରୟାସ ଜାରି ରଖିଛନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି । **V/O**

ସମାବେଶରେ ଯୋଗଦେଇ ଅର୍ଥରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି, ରାଷ୍ଟ୍ର ନିର୍ମାଣରେ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗ ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଅବଦାନ ପ୍ରଦାନ କରୁଥିବା ବେଳେ ବିଶ୍ୱସ୍ତରରେ ନିଜର ସ୍ଥିତିକୁ ପ୍ରତିପାଦନ କରିପାରିଛନ୍ତି ।

ଅନ୍ୟମାନଙ୍କ ମଧ୍ୟରେ ସମାବେଶରେ ସାର୍ବଜନୀନ ଉଦ୍ୟୋଗ ବିଭାଗ ସଚିବ କେ. ମୋସେସ୍ ଚାଲାଇ, ସ୍କୋପ୍‌ର ଅଧ୍ୟକ୍ଷ କେ.ପି. ମହାଦେବ ସ୍ୱାମୀ ଏବଂ ମହାନିର୍ଦ୍ଦେଶକ ଅତୁଲ ସୋବତୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ ।

---

## ପିଏମ୍-ଟୋକିଓ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଜାପାନର ପ୍ରଯୁକ୍ତିବିଦ୍ୟା ଏବଂ ଭାରତୀୟ ପ୍ରତିଭାର ମିଶ୍ରଣ ଏହି ଶତାବ୍ଦୀର ପ୍ରଯୁକ୍ତିବିଦ୍ୟା ବିପ୍ଳବକୁ ତ୍ୱରାନ୍ୱିତ କରିପାରିବ । ଟୋକିଓରେ ଭାରତ ଓ ଜାପାନ ଅର୍ଥନୈତିକ ଫୋରମକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଜାପାନ ଏକ ପ୍ରଯୁକ୍ତିବିଦ୍ୟାସଂପନ୍ନ ରାଷ୍ଟ୍ର ଏବଂ ଭାରତ ପ୍ରତିଭାରେ ପରିପୂର୍ଣ୍ଣ । କୃତ୍ରିମ ବୁଦ୍ଧିମତ୍ତା, ସେମିକଣ୍ଡକ୍ଟର, କ୍ୱାଣ୍ଟମ୍ କମ୍ପ୍ୟୁଟିଙ୍ଗ୍, ବାୟୋ ଟେକ୍ନୋଲୋଜି ଏବଂ ମହାକାଶ କ୍ଷେତ୍ରରେ ଭାରତ ସାହସିକ ଓ ମହତ୍ତ୍ୱାକାଂକ୍ଷୀ ପଦକ୍ଷେପ

ଗ୍ରହଣ କରିଛି । ପ୍ରତିରକ୍ଷା ଏବଂ ମହାକାଶ କ୍ଷେତ୍ର ପରେ ପରମାଣୁ ଶକ୍ତିକ୍ଷେତ୍ରକୁ ଭାରତ ଘରୋଇ ନିବେଶ ଲାଗି ଉନ୍ମୁକ୍ତ ରଖିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O (PM Green Future)**

ଜାପାନ ସର୍ବଦା ଭାରତର ବିକାଶ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ଭାବେ ରହିଆସିଛି । ପ୍ରତ୍ୟେକ କ୍ଷେତ୍ରରେ ସହଭାଗିତା ପାରସ୍ପରିକ ବିଶ୍ୱାସର ପ୍ରତୀକ । ଭାରତରେ ଜାପାନୀ କମ୍ପାନୀଗୁଡ଼ିକ ୪୦ ବିଲିୟନ ଡଲାରରୁ ଅଧିକ ନିବେଶ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ରାଜନୈତିକ ଏବଂ ଆର୍ଥିକ ସ୍ଥିରତା, ସ୍ୱଚ୍ଛ ନୀତି ଓ ପୂର୍ବାନୁମାନ କ୍ଷମତା ଦ୍ୱାରା ବିଶ୍ୱର ସବୁଠାରୁ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତି ଭାବେ ଭାରତ ନିଜକୁ ପ୍ରତିପାଦିତ କରିପାରିଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ପରିବର୍ତ୍ତନ ପଛରେ ଦେଶବାସୀଙ୍କ ସଂସ୍କାର, ପ୍ରଦର୍ଶନ ଏବଂ ରୂପାନ୍ତରର ପ୍ରୟାସ ରହିଛି ।

**V/O (PM Economy)**

ଜାପାନ ପ୍ରଧାନମନ୍ତ୍ରୀ ସିଗେରୁ ଇସିବା କହିଛନ୍ତି, ଜାପାନର ଉନ୍ନତ ପ୍ରଯୁକ୍ତିବିଦ୍ୟା ଏବଂ ଭାରତର ଉତ୍କୃଷ୍ଟ ପ୍ରତିଭା ପରସ୍ପରର ପରିପୂରକ । ଦ୍ୱିପାକ୍ଷିକ ଅର୍ଥନୈତିକ ସଂପର୍କରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ବହୁ ଜାପାନୀ କମ୍ପାନୀ ମେକ୍ ଇନ୍ ଇଣ୍ଡିଆ ଅଭିଯାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଇସିବା କହିଛନ୍ତି ।

---

# ଅଧ୍ୟକ୍ଷ ଜାତୀୟ ସମ୍ମିଳନୀ

ସଂସଦ ଏବଂ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ବିଧାନସଭା ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ସମିତି ଗୁଡ଼ିକ ମଧ୍ୟରେ ଆଲୋଚନା ଏବଂ ପର୍ଯ୍ୟାଲୋଚନା ଉପରେ ଲୋକସଭା ବାଚସ୍ପତି ଓମ୍‌ବିର୍ଲା ଗୁରୁତ୍ୱ ପ୍ରଦାନ କରିଛନ୍ତି । ଭୁବନେଶ୍ୱରଠାରେ ଦୁଇଦିନିଆ ଅନୁସୂଚିତ ଜାତି ଏବଂ ଜନଜାତି ସଂସଦୀୟ କମିଟିର ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରି ଶ୍ରୀ ବିର୍ଲା ଏହା କହିଛନ୍ତି । ସେ କହିଛନ୍ତି, ଆଲୋଚନା ଏବଂ ପର୍ଯ୍ୟାଲୋଚନା ଦ୍ୱାରା ଏ କ୍ଷେତ୍ରରେ ରହିଥିବା ଆହ୍ୱାନଗୁଡ଼ିକର ମୁକାବିଲା ସହଜ ହୋଇପାରିବ । ଏଥିପାଇଁ ବଜେଟ୍‌ରେ ଅର୍ଥ ବ୍ୟବସ୍ଥା ଏବଂ ଯୋଜନା ପ୍ରଣୟନ ଅଧିକ ତ୍ୱରାନ୍ୱିତ ହୋଇପାରିବ ବୋଲି ସେ କହିଛନ୍ତି ।

ଉଦ୍‌ଘାଟନୀ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଜୁଏଲ୍ ଓରାମ ପ୍ରମୁଖ ଯୋଗ ଦେଇଥିଲେ । ସଂସଦ ଏବଂ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକର ବିଧାନସଭା ଅନୁସୂଚିତ ଜାତି ଓ ଜନଜାତି କଖଲ୍ୟାଣ ସମିତିର ଅଧ୍ୟକ୍ଷ ଓ ସଦସ୍ୟଙ୍କୁ ମିଶାଇ ୨୪୦ରୁ ଅଧିକ ପ୍ରତିନିଧି ଏଥିରେ ଅଂଶ ଗ୍ରହଣ କରୁଛନ୍ତି । ପ୍ରଥମଥର ପାଇଁ ଦିଲ୍ଲୀ ବାହାରେ ଭୁବନେଶ୍ୱରଠାରେ ଏହି ସମ୍ମିଳନୀ ଅନୁଷ୍ଠିତ ହେଉଛି । 'ଅନୁସୂଚିତ ଜାତି ଏବଂ ଜନଜାତିଙ୍କ କଲ୍ୟାଣ, ବିକାଶ ଓ ସଶକ୍ତିକୀରଣରେ ସଂସଦୀୟ ଏବଂ ବିଧାନସଭା ସମିତିଗୁଡ଼ିକର ଭୂମିକା' ପ୍ରସଙ୍ଗ ଆଧାରରେ ଏହି ସମ୍ମିଳନୀ ଆୟୋଜିତ ହେଉଛି ।

---

# ନ୍ୟାସନାଲ୍ ସ୍ପୋର୍ଟସ୍ ଡେ

ମହାନ ହକି ଖେଳାଳି ମେଜର ଧ୍ୟାନ୍‌ଚାନ୍ଦଙ୍କ ଜନ୍ମ ବାର୍ଷିକୀକୁ ସ୍ମରଣ କରି ଆଜି ଦେଶବ୍ୟାପୀ ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଉଛି । ଚଳିତ ବର୍ଷର ବାର୍ତ୍ତା ରହିଛି 'ଶାନ୍ତିପୂର୍ଣ୍ଣ ଏବଂ ସମାବେଶୀ ସମାଜକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ କ୍ରୀଡ଼ା' । ସମାଜର ବିଭିନ୍ନ ଅଞ୍ଚଳ, ଧର୍ମ ତଥା ବର୍ଗର ଜନସାଧାରଣ ଏବଂ ଖେଳାଳିଙ୍କ ମଧ୍ୟରେ ସମସ୍ତ ବାଧାବିଘ୍ନ ଦୂର କରି କ୍ରୀଡ଼ାର ଉନ୍ନତି ଦିଗରେ ମିଳିତ ଭାବେ ପ୍ରୟାସ କରିବା' ଏହି ବାର୍ତ୍ତାର ଉଦ୍ଦେଶ୍ୟ ।

ଏହି ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ଭାରତୀୟ ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି, କ୍ରୀଡ଼ାକ୍ଷେତ୍ର ପ୍ରତି ତାଙ୍କର ଅବଦାନ ପରପିଢ଼ିକୁ ପ୍ରେରଣା ଯୋଗାଇ ଆସୁଛି । ଦେଶର କ୍ରୀଡ଼ା ଦୃଶ୍ୟପଟରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି । ତୃଣମୂଳସ୍ତରର କାର୍ଯ୍ୟକ୍ରମଠାରୁ ଆରମ୍ଭ କରି କ୍ରୀଡ଼ା କ୍ଷେତ୍ରରେ ବିଶ୍ୱସ୍ତରୀୟ ସୁବିଧା ସୁଯୋଗ ପ୍ରଦାନ କରିବା ପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । କ୍ରୀଡ଼ା କ୍ଷେତ୍ର ଭିତ୍ତିଭୂମି ନିର୍ମାଣ ଏବଂ ବିଶ୍ୱସ୍ତରରେ ଭାରତକୁ କ୍ରୀଡ଼ାର ଏକ ଉତ୍କର୍ଷ କେନ୍ଦ୍ର ଭାବେ ଗଢ଼ି ତୋଳିବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ମେଜର ଧ୍ୟାନଚାନ୍ଦଙ୍କ ସମର୍ପଣ ଓ କଠିନ ପରିଶ୍ରମ କ୍ରୀଡ଼ାବିତ୍‌ଙ୍କୁ ଅତୁଳନୀୟ ପ୍ରେରଣା ପ୍ରଦାନ୍ କରୁଛି ବୋଲି ସେ କହିଛନ୍ତି ।

ଯୁବ ବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି, ଭାରତ ଆଜିର ଦିବସରେ ପ୍ରଥମ ମୁଣ୍ଡୋଟ୍ରାକ୍ ହାସଲ କରିଛି । ବିଶ୍ୱର କେବଳ ୨୪ଟି ଦେଶରେ ପୂର୍ବରୁ ଏହି ଟ୍ରାକ୍ ଉପଲବ୍ଧ ରହିଥିଲା । ଏହାକୁ କାର୍ଯ୍ୟକାରୀ କରିବାରେ ଭାରତ ବିଶ୍ୱର ୨୫ତମ ରାଷ୍ଟ୍ର ହୋଇଛି ବୋଲି ଶ୍ରୀ ମାଣ୍ଡବ୍ୟ କହିଛନ୍ତି । ଭାରତୀୟ ଖେଳାଳିଙ୍କୁ ବିଶ୍ୱସ୍ତରୀୟ ସୁବିଧା ପ୍ରଦାନ କରିବାରେ ଏହା ସାୟତା ପ୍ରଦାନ କରିବ । ଶ୍ରୀ ମାଣ୍ଡବ୍ୟ କହିଛନ୍ତି, ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ୨୦୩୬ ଅଲମ୍ପିକ୍ସ ଆୟୋଜନ ପାଇଁ ଭାରତ ନିଜର ପ୍ରସ୍ତାବ ଦାଖଲ କରିଛି ।

ଜାତୀୟ କ୍ରୀଡ଼ା ଦିବସ ପାଳନ ଅବସରରେ ଆଜି ସମଗ୍ର ଦେଶରେ ୩ ଦିନିଆ କ୍ରୀଡ଼ା ମହୋତ୍ସବ ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି । ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ୩ଦିନିଆ ଓ ଫିଟ୍‌ନେସ୍ ଅଭିଯାନର ବିଷୟବସ୍ତୁ ରହିଛି **ଖେଳପଡ଼ିଆରେ ଏକଘଣ୍ଟା ।** ଭାରତକୁ ଏକ କ୍ରୀଡ଼ାରାଷ୍ଟ୍ର ଭାବେ ଗଢ଼ି ତୋଳିବା ଏହି ଅଭିଯାନର ଉଦ୍ଦେଶ୍ୟ ବୋଲି ଶ୍ରୀ ମାଣ୍ଡବ୍ୟ କହିଛନ୍ତି ।

---

## ଏସ୍‌ସି-ଜଜେସ୍ ଓଥ୍

ସୁପ୍ରିମକୋର୍ଟ ଦୁଇ ନବନିଯୁକ୍ତ ବିଚାରପତି ଆଜି ଶପଥପାଠ କରିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ୍ ବି.ଆର୍ ଗଭାଇ ଜଷ୍ଟିସ୍ ଆଲୋକ ଆରାଧେ ଏବଂ ଜଷ୍ଟିସ୍ ବିପୁଲ୍ ମନୁଭାଇ ପାଞ୍ଚୋଲିଙ୍କୁ ସୁପ୍ରିମକୋର୍ଟର ବିଚାରପତି ଭାବେ ଶପଥ ପାଠ କରାଇଛନ୍ତି । ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ଏବେ ପୂର୍ଣ୍ଣ ଅନୁମୋଦିତ ପଦବୀ ୩୪ରେ ପହଞ୍ଚିଛି ।

---

## ଉର୍ଜିତ ପଟେଲ

ଭାରତୀୟ ରିଜର୍ଭବ୍ୟାଙ୍କ-ଆରବିଆଇର ପୂର୍ବତନ ଗଭର୍ଣ୍ଣର ଉର୍ଜିତ ପଟେଲଙ୍କୁ ଆନ୍ତର୍ଜାତିକ ମୁଦ୍ରାପାଣ୍ଠିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି ।

କ୍ୟାବିନେଟ୍ ନିଯୁକ୍ତି କମିଟି ନିଷ୍ପତ୍ତି ଆଧାରରେ ଶ୍ରୀ ପଟେଲଙ୍କୁ ୩ ବର୍ଷ ପାଇଁ ଏହି ପଦବୀରେ ନିଯୁକ୍ତି ନିମନ୍ତେ କାର୍ମିକ ମନ୍ତ୍ରଣାଳୟ ତରଫରୁ ମଂଜୁରୀ ପ୍ରଦାନ କରାଯାଇଛି । ଆରବିଆଇର ଚବିଶତମ ଗଭର୍ଣ୍ଣର ଭାବେ ଶ୍ରୀ ପଟେଲ୍ ଦାୟିତ୍ୱ ନିର୍ବାହ କରିଥିଲେ ।

## ହକି-ଏସିଆକପ୍

ଦ୍ୱାଦଶ ପୁରୁଷ ଏସିଆ ହକି କପ୍ ୨୦୨୫ ଆଜି ଜାତୀୟ କ୍ରୀଡ଼ା ଦିବସ ଅବସରରେ ବିହାରର ରାଜଗିରି ଠାରେ ଆରମ୍ଭ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟରେ ଭାରତ, ଜାପାନ, ଚୀନ୍, କାଜାଖସ୍ତାନ, ମାଲେସିଆ, କୋରିଆ, ବାଂଲାଦେଶ ଓ ଚାଇନିଜ୍ ତାଇପେଇ ଭଳି ୮ଟି ଏସୀୟ ରାଷ୍ଟ୍ର ଭାଗ ନେଉଛନ୍ତି । ଏହି ଟୁର୍ଣ୍ଣାମେଣ୍ଟରେ ସଫଳତାକୁ ଭିତ୍ତିକରି ୨୦୨୬ ଏଫ୍.ଆଇ.ଏଚ୍. ହକି ୱାର୍ଲ୍ଡକପ୍‌ରେ ଦଳ ଗୁଡ଼ିକ ଭାଗ ନେବେ । ଏହି ଟୁର୍ଣ୍ଣାମେଣ୍ଟରେ ମୋଟ୍ ୨୪ଟି ମ୍ୟାଚ୍ ଖେଳାଯିବାକୁ ଥିବା ବେଳେ ଆସନ୍ତା ମାସ ୭ ତାରିଖ ଦିନ ଫାଇନାଲ୍ ମ୍ୟାଚ୍ ଖେଳାଯିବ । ଆୟୋଜକ ଭାରତ ପୁଲ୍-ଏ ରେ ଜାପାନ୍, ଚୀନ୍ ଓ କାଜାଖସ୍ତାନ ସହିତ ସ୍ଥାନ ପାଇଛି ।